୩ ଦଫା ଦାବି ନେଇ ଶିକ୍ଷକଙ୍କ ଗଣଧାରଣା

ବୋରିଗୁମ୍ମା,(ସବ୍ୟୁ): ରାଜ୍ୟ ଶିକ୍ଷକ ସଂଘ ର ଡାକରା କ୍ରମେ ଶୁକ୍ରବାରଠାରୁ ସାରା ରାଜ୍ୟରେ ତିନି ଦଫା ଦାବୀ ନେଇ ୩୧୪ ବ୍ଲକର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକ ଗଣଧାରଣା ଦେଇଛନ୍ତି । ବୋରିଗୁମ୍ମା ବ୍ଲକର ଶତାଧିକ ଶିକ୍ଷକ, ଶିକ୍ଷୟିତ୍ରୀ ବୋରିଗୁମ୍ମା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା ଓ କୁମୁଲି ସର୍କଲ ଶିକ୍ଷକ ସଂଘ ସଭାପତି ମହେନ୍ଦ୍ର ଶତପଥୀଙ୍କ ନେତୃତ୍ୱରେ ଏକଜୁଟ ହୋଇ ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଦେଇଛନ୍ତି । ସେମାନଙ୍କ ତିନି ଦଫା ଦାବୀ ହେଉଛି ନୂଆ ପେନସନ କୁ ବନ୍ଦ କରି ପୁରୁଣା ପେନସନକୁ ଲାଗୁ କରିବା, ୪୨୦୦ ଗ୍ରେଡ ପେ ଲାଗୁ କରିବା, ଚୁକ୍ତି ଭିତ୍ତିକ ପ୍ରଥା ବଦଳରେ ନିୟମିତ ଶିକ୍ଷକର ମାନ୍ୟତା ଓ ନ୍ୟାସନାଲ ଇଂକ୍ରିମେଣ୍ଟ ଲାଗୁ କରାଯାଉ । ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁଁ ବ୍ଲକରେ ଥିବା ୨୩୪ ପ୍ରାଥମିକ,ଉଚ୍ଚ ବିଦ୍ୟାଳୟ ରେ ପାଠ ପଢା ଠପ ହୋଇଥିବା ଦେଖିବାକୁ ମିଳିଛି । ସକାଳୁ ପିଲାମାନେ ସ୍କୁଲକୁ ଆସିଥିଲେ, କିନ୍ତୁ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁଁ ବିଦ୍ୟାଳୟ ରେ ତାଲା ଝୁଲିବାର ଦେଖି ପୁଣି ଘରକୁ ଫେରିଥିଲେ । ବ୍ଲକର ସମସ୍ତ ବିଦ୍ୟାଳୟ ବନ୍ଦ ଯୋଗୁଁ ପିଲା ମାନଙ୍କ ପାଠ ପଢା ଏକ ରକମ ବନ୍ଦ ହୋଇଯାଇଛି। ଗଣଧାରଣାରେ ଦୁଇ ଶିକ୍ଷକ ସଂଘ ସଭାପତିଙ୍କ ବ୍ୟତୀତ ଉପ ସଭାପତି ଲଳିତ କୁମାର ପଟ୍ଟନାୟକ,ନୀଳକଣ୍ଠ ବାଡବୋଇ, ଶାନ୍ତିଲତା ନାୟକ,ସମ୍ପାଦକ ଏନ.କାମେଶ୍ୱର ରାଓ,ସହ-ସମ୍ପାଦକ ପ୍ରଶାନ୍ତ କୁମାର ଗୌଡ଼, କୋମଳ ଲୋଚନ ନାୟକ,ସାଂଗଠନିକ ସମ୍ପାଦକ କିଶୋର ଚନ୍ଦ୍ର ସାହୁ,କୋଷାଧ୍ୟକ୍ଷ ବିନାୟକ ପୂଜାରୀ,ଉପଦେଷ୍ଟା ସୁବାସ ଚନ୍ଦ୍ର ପ୍ରଧାନ, ଏନପିଏସ ସଭାପତି ରମାକାନ୍ତ ମହାପାତ୍ର, ସମ୍ପାଦକ ନିଳାଞ୍ଚଳ ହୋତା, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଦସ୍ୟ ନୟନ କୁମାର ବିଶୋଇ ଓ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଗଣଧାରଣାରେ ସାମିଲ ଥିଲେ ।

ଭିଜିଲାନ୍ସ ଜାଲରେ ଜିଆର୍ଏସ୍

ଖଡ଼ିଆଳ,(ସବ୍ୟୁ): ଭିଜିଲାନ୍ସ ପଞ୍ଜାରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସୁନାରୀସିକୁଆଁ ପଞ୍ଚାୟତର ଗ୍ରାମ ରୋଜଗାର ସେବକ ପ୍ରାଣବନ୍ଧୁ ଦଣ୍ଡସେନା। ଜମି ମରାମତି କାମର ମନରେଗା ପାଉଣା ମାଷ୍ଟର ରୋଲ ଜେନେରେଟ କରିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲା ସମୟରେ ଧରାପଡ଼ିଛନ୍ତି । ଭିଜିଲାନ୍ସ ଜିଆରଏସ୍ ଓ ଅନ୍ୟ ଜଣେ ସହଯୋଗୀଙ୍କୁ ଭିଜିଲାନ୍ସ ଅଟକ ରଖି ତଦନ୍ତ ଚଳାଇଛି । ଗୁରୁବାର ସକାଳେ ଖଡ଼ିଆଳ ବ୍ଲକ ସୁନାରୀସିକୁଆଁ ପଞ୍ଚାୟତର ଜଣେ ଚାଷୀ ମନରେଗା ଯୋଜନାରେ ଜମି ମରାମତି କାମ କରିଥିଲେ। ହେଲେ କାମର ପାରିଶ୍ରମିକ ମିଳିନଥିଲା। ମଧ୍ୟାହ୍ନରେ ଜିଆରଏସ୍ ପ୍ରାଣବନ୍ଧୁ ଓ ଅନ୍ୟ ଜଣେ ବେସରକାରୀ ବ୍ୟକ୍ତି କମଳାକାନ୍ତ ପ୍ରଧାନ ମାଷ୍ଟର ରୋଲ ଜେନେରେଟ ପାଇଁ ହିତାଧିକାରୀଙ୍କ ଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ । ଏହି ସମୟରେ କୋରାପୁଟ ଭିଜିଲାନ୍ସ ଚଢ଼ାଉ କରି ୧୦ ହଜାର ଟଙ୍କା ଜବତ କରିବା ସହ ଜିଆରଏସ୍ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ବିଭାଗ ତରଫରୁ ସୂଚନା ମିଳିଛି ।

ଉଚ୍ଚଶିକ୍ଷା ବିଭାଗ କମିଶନରଙ୍କ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପରିଦର୍ଶନ

ଭବାନୀପାଟଣା,(ସବ୍ୟୁ): ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲ କାଳାହାଣ୍ଡି ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ସେ ହେର୍ବାରିୟମର ଉଦଘାଟନ କରିଥିଲେ। ଲାଇବ୍ରେରୀ (ପଠନ କକ୍ଷ, କମ୍ପ୍ୟୁଟର ଲ୍ୟାବ, ବୁକ୍ କୋଣ), ନୂତନ ଏକାଡେମିକ୍ ବ୍ଲକ୍, ଶ୍ରେଣୀଗୃହ, ବିଭାଗ, ଉଦ୍ଭିଦ ଉଦ୍ୟାନ ଇତ୍ୟାଦି ପରିଦର୍ଶନ କରିଥିଲେ। କାଳାହାଣ୍ଡି ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ପୁରାତନ ପୋଥି (ଖଜୁରୀ ପତ୍ର ପାଣ୍ଡୁଲିପି) ର ସଂଗ୍ରହ ଦେଖି ସେ ବହୁତ ଖୁସି ହୋଇଥିଲେ । କାଳହାଣ୍ଡି ବିଶ୍ୱବିଦ୍ୟାଳୟର ଏହି ଅଭିନବ ପାଠ୍ୟକ୍ରମ, ସହ-ପାଠ୍ୟକ୍ରମ ଏବଂ ଅତିରିକ୍ତ ପାଠ୍ୟକ୍ରମକୁ ସେ ପ୍ରଶଂସା କରିଥିଲେ । ଜାତୀୟ ଯୁବ ବିନିମୟ କାର୍ଯ୍ୟକ୍ରମ ଅଧୀନରେ ଏନସିସି କ୍ୟାଡେଟ୍ ଚୟନ ଏବଂ ସାପ୍ତାହିକ ପ୍ରେରଣାଦାୟକ ବକ୍ତୃତା ସିରିଜ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ପରେ ପ୍ରିନ୍ସିପାଲ୍ ମିଟ୍ ଆୟୋଜନ କରାଯାଇଥିଲା । ଯେଉଁଥିରେ ବିଶ୍ୱବିଦ୍ୟାଳୟର ଅନୁବନ୍ଧିତ କଲେଜଗୁଡ଼ିକର ସମସ୍ତ ପ୍ରିନ୍ସିପାଲ ମାନେ ଯୋଗ ଦେଇଥିଲେ । ଏହି ବୈଠକରେ ସଚିବ ଡ଼.ଅରବିନ୍ଦ ଅଗ୍ରୱାଲ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଂଜୟ ଶତପଥୀ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷାନୁଷ୍ଠାନରେ ଶିକ୍ଷକ ୭ ଘଣ୍ଟା ରହିବା, ଛାତ୍ରଛାତ୍ରୀଙ୍କ ୭୫ ପ୍ରତିଶତ ଉପସ୍ଥାନ ଏବଂ କଲେଜ ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଓ ଅଧ୍ୟାପକ ମାନେ ଅନୁସନ୍ଧାନ ଏବଂ ନୂତନତ୍ୱ ଉପରେ ସଚିବ ଡ଼. ଅଗ୍ରୱାଲ ଗୁରୁତ୍ୱାରୋପ କରିଥଲେ ।

ଖପ୍ରାଖୋଲରେ ଆନ୍ତର୍ଜାତୀୟ ମିଲେଟ୍ ବର୍ଷ ପାଳିତ

ମହିଳାଙ୍କ ମଧ୍ୟରେ ମିଲେଟ୍ ପ୍ରସ୍ତୁତ ଖାଦ୍ୟ ପ୍ରତିଯୋଗିତା

Celebrating

ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଓଡିଶା ମିଲେଟ ମିଶନ ପକ୍ଷରୁ ଆନ୍ତର୍ଜାତୀୟ ମିଲେଟ ବର୍ଷ ପାଳନ ଅବସରରେ ମିଲେଟ ପ୍ରସ୍ତୁତ ଖାଦ୍ୟ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ବ୍ଲକ୍ ସଂଯୋଜକ ଉମେଶ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ମାନେ ନିଜ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ମିଲେଟ ଦ୍ୱାରା ପ୍ରସ୍ତୁତ ପ୍ରଦର୍ଶିତ କରିଥିଲେ। ଭଳିକି ଭଳି ସ୍ୱାଦିଷ୍ଟ ମିଷ୍ଟାନ୍ନ, ଖାଦ୍ୟ ସାମଗ୍ରୀ ଲୋକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଡ଼ିଓ ବିଜୟ କୁମାର ହୋତା, ସମ୍ମାନୀତ ଅତିଥି ରୂପେ ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସହକାରୀ କୃଷି ଅଧିକାରୀ ସୁମନ୍ତ କୁମାର ଖମାରୀ, ଦିନବନ୍ଧୁ ବେହେରା, ୱାସନ ଜିଲ୍ଲା ସଂଯୋଜକ ଯଶୋବନ୍ତ ନାଏକ, ସୁଶ୍ରୀ ସନ୍ଧିଧା ଅଗ୍ରୱାଲ ପ୍ରମୁଖ ଯୋଗଦେଇ ପାରମ୍ପାରିକ ପଦ୍ଧତିରେ ଶହ ଶହ ବର୍ଷ ପୂର୍ବରୁ ଚାଷୀ କୁଦ, ମାଣ୍ଡିଆ, ଗୁର୍ଜି, କାଂଗୁ, ବାଜରା ଭଳି ମିଲେଟ ଜୈବିକ ଉପାୟରେ ଚାଷ କରି ଆସୁଥିବା ବେଳେ ପୋଷ୍ଟିକ ଖାଦ୍ୟ ଖାଇ ନିରୋଗ ରହୁଥିଲେ । କିଛିବର୍ଷ ହେଲା ଏହି ଚାଷ କମି ଯିବାରୁ ମିଲେଟ ମିଶନ ମାଧମରେ ଏହାକୁ ପ୍ରୋତ୍ସାହିତ କରାଯାଉ ଥିବା ଅତିଥି ମାନେ ପ୍ରକାଶ କରିଥିଲେ । ଏହି ଅବସରରେ ପ୍ରଦର୍ଶିତ ଖାଦ୍ୟର ବିଚାରକ ଭାବେ ଏଫିଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ତାପସ ବେହେରା ,ଏସ. ମିଶ୍ର ପ୍ରମୁଖ ଯୋଗଦେଇଥିବା ବେଳେ ଖାଦ୍ୟ ପ୍ରଦର୍ଶନୀରେ ପ୍ରଥମ ତେଲେନପାଲି ଗାଁ ର ମୋତି ମାଝୀ , ଦ୍ୱିତୀୟ ଚଚରାଭଟା ଗାଁ ରେ ମାଳତୀ ନାଏକ, ତୃତୀୟ ସାଲେପାଲି ଗାଁ ର ଅଞ୍ଜଳୀ ବାଗଙ୍କୁ ମାନପତ୍ର ଓ ଟ୍ରଫି ଦେଇ ଅତିଥି ମାନେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭୋଜରାଜ ବରିହା, ବାସନ୍ତୀ ମୁଣ୍ଡା, ପୁରନ୍ଦର ବଞ୍ଛୋର, ଗଣେଶ ବନଛୋର, ଫକୀର ସାହୁ, ସଦାନନ୍ଦ ବାଗ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

ଡ.ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଜୟନ୍ତୀ ପାଳିତ

ଭବାନୀପାଟଣା,(ସବ୍ୟୁ): ଜିଲ୍ଲା କଂଗ୍ରେସ କାର୍ଯ୍ୟଳୟରେ ପୂର୍ବତନ ରାଷ୍ଟ୍ରପତି ତଥା ଭାରତ ରତ୍ନ ଡ.ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଜୟନ୍ତୀ ପାଳିତ ହୋଇଛି । ଜିଲ୍ଲା ଉପସଭାପତି ପରମାନନ୍ଦ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପିସିସି ସମ୍ପାଦକ ଜୟଦେବ ନାଏକ ଡ.ସର୍ବପଲ୍ଲୀଙ୍କ ଜୀବନୀ ଓ ଗୁରୁଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଏଥିସହ କଂଗ୍ରେସର ନୀତି ଆଦର୍ଶକୁ ପାଥେୟ କରି ସଂଗଠନ କିପରି ମଜଭୁତ ହେବ ସେ ଉପରେ ପରାମର୍ଶ ଦେଇଥିଲେ । ସାଧାରଣ ସମ୍ପାଦକ ବ୍ରଜ ସାହୁ, ସୁଦର୍ଶନ ବିଶ୍ୱାଳ, ନେତା ସୁରେଶ ପଟ୍ଟନାୟକ, ସରୋଜ ବାଗ, ସୁବାଷ ପ୍ରଧାନ, ମହମ୍ମଦ ସାହେବ, ପ୍ରିତମ ବେହେରା, ବାବା ଅଲ୍ଲୀ ଖାନ, ବସନ୍ତ ମାଝି ପ୍ରମୁଖ ଉପସ୍ଥିତ ରହି ସ୍ତୁତିଚାରଣ କରିଥିଲେ ।

ଆଞ୍ଚଳିକ ପରିବହନ ବିଭାଗରେ ବିଦ୍ୟୁତ କାଟ ହନ୍ତସନ୍ତ ଉପଭୋକ୍ତା

ରାୟଗଡା,(ସବ୍ୟୁ): ରାୟଗଡ଼ା ସଦର ସ୍ଥିତ ଆଞ୍ଚଳିକ ପରିବହନ ବିଭାଗରେ ଖାମଖିଆଲି ଓ ବେପରୁଆ କାର୍ଯ୍ୟକଳାପ ଯୋଗୁଁ ଉପଭୋକ୍ତା ମାନେ ପ୍ରାୟ ଦେଢ଼ ଘଣ୍ଟା କାଳ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଘଟଣାଟି ହେଲା କାର୍ଯ୍ୟାଳୟ ଖୋଲିବା ବେଳକୁ ବିଦ୍ୟୁତ ନଥିବା ଜଣା ପଡ଼ିଥିବା ବେଳେ ଏହାର କାରଣ ବିଦ୍ୟୁତ ବିଲ ବକେୟା ଯୋଗୁଁ ଫିଡର ମିଟର ବିଦ୍ୟୁତ ଯୋଗାଣ ବନ୍ଦ ହୋଇଯାଥିଲା ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଶିବ ଶଙ୍କର ଚୌଧୁରୀ ସୂଚନା ଦେଇଛନ୍ତି । ପରିବହନ ଅଧିକାରୀ ଶ୍ରୀ ଚୌଧୁରୀ କହିଛନ୍ତି ଯେ ବିଭାଗ ତରଫରୁ ୧୬ ହଜାର ଟଙ୍କା ବିଦ୍ୟୁତ ବକେୟା ରହିଛି । ଫଳରେ ପ୍ରାୟ ୧୧ଘଣ୍ଟା ୩୦ ମିନିଟ ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଥିଲା । ପରେ ଶ୍ରୀ ଚୌଧୁରୀ ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସହ କଥାବାର୍ତ୍ତା କରିବା ପରେ ବିଦ୍ୟୁତ ସଂଯୋଗ କରିଥିଲେ । ବିଦ୍ୟୁତ କାଟ ଫଳରେ ସେଠାକୁ ଆସିଥିବା ଦୂର ଦୁରାନ୍ତରର ଅନେକ ଉପଭୋକ୍ତା ହନ୍ତସନ୍ତ ହୋଇଥିବା କିଛି ଉପଭୋକ୍ତା ପ୍ରକାଶ କରିଥିଲେ । ଏନେଇ ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ନାରାୟଣ ନାୟକଙ୍କ ପଚାରିବାରୁ କହିଛନ୍ତି ସ୍ମାର୍ଟ ମିଟର ଲାଗିଥିବା ଯୋଗୁଁ ଗୁରୁବାରଠାରୁ ଆପେ ଆପେ ବିଦ୍ୟୁତ ବିଚ୍ଛିନ୍ନ ହୋଇଯାଇଥିଲା । ଯାହାକି ଆଜି ପୁଣି ସଂଯୋଗ କରାଯାଇଛି ବୋଲି ପ୍ରକାଶ କରିଛନ୍ତି ।

ଉଡାନ ପକ୍ଷରୁ ଗୁରୁଦିବସ ପାଳିତ

ବଲାଙ୍ଗିର,(ସବ୍ୟୁ): ରୋଟାରୀ ଏଲିଟ ବଲାଙ୍ଗିର ପକ୍ଷରୁ ଗତ ୦୫ ସେପ୍ଟେମ୍ବର ସ୍ଥାନୀୟ ପଥିରାଜ ହାଇସ୍କୁଲଠାରେ ଉଡାନର ଗୁରୁଦିବସ ପାଳିତ ହୋଇଯାଇଛି ଏହି ଉତ୍ସବରେ ମୁଖ୍ୟ ଅତିଥିରୂପେ ବଲାଙ୍ଗିର ସାଂସଦ ସଂଗୀତା କୁମାରୀ ସିଂହଦେଓ ଯୋଗଦେଇ ଶିକ୍ଷକ ହିଁ ଜଣେ ବ୍ୟକ୍ତିଙ୍କୁ ସାଧାରଣରୁ ଅସାଧାରଣ କରିପାରନ୍ତି ବୋଲି କହିଥିଲେ । ଉଡାନରେ କେବଳ ଝିଅମାନଙ୍କୁ ପାଠ୍ୟପୁସ୍ତକ ଶିକ୍ଷାରେ ସୀମିତ ନରଖି ତାଙ୍କର ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱ ଦିଆଯାଉଛି । ଏହାହିଁ ଉଡାନର ଝିଅମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ବୋଲି କହିଥିଲେ ମୁଖ୍ୟ ଅତିଥି । ଆମ ଦେଶରେ ଗୁରୁ ପରମ୍ପରା ଅନେକ ପୁରୁଣା ଓ ଆଜିବି ତାହା ପ୍ରାସଙ୍ଗିକ ବୋଲି କହିଥିଲେ ଅନ୍ୟତମ ଅତିଥି ତଥା ବରିଷ୍ଠ ସାମ୍ବାଦିକ ମନରଞ୍ଜନ ଯୋଶୀ । ଉଡାନର ବରିଷ୍ଠ ଶିକ୍ଷକ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନବୀନ ନାୟକ, ରୋଟାରୀ ଏଲିଟର ସଭାପତି ବିଶ୍ୱଜିତ ଦାସ ଓ ସମ୍ପାଦିକା ଦୀପିକା ପାଣିଗ୍ରାହୀ ମଞ୍ଚାସୀନ ଥିଲେ । ଉଡାନର ଛାତ୍ରୀ ସୃତି ଚିଗୁନ, ଜ୍ୟୋତିର୍ମୟୀ ପଣ୍ଡା, ମାମା ମନହିରା, ମନୀଷା ପରିଡା, ବିଦୀପ୍ତା ସାହୁ ଓ ପୂର୍ବତନ ଛାତ୍ରୀ ନିକିତା ସାହୁ ଓ ତୁଳସୀରାଣୀ ସାହୁ ଉଡାନ ଶିକ୍ଷକଙ୍କୁ ନିଜର ବକ୍ତବ୍ୟ ମାଧ୍ୟମରେ କୃତଜ୍ଞତା ଜ୍ଞାପନ କରିଥିଲେ ।ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଉଡାନର ଶିକ୍ଷକ ନବୀନ ନାୟକ, ଦିଗାମ୍ବର ତ୍ରିପାଠୀ, ବୃଷକେତୁ ସାହୁ, ପୀତବାସ ପଣ୍ଡା, ନରେନ୍ଦ୍ର ମିଶ୍ର, ସିନୁସୁନ୍ଦର ପାଢ଼ୀ, ନୂତନ ନାୟକ, କ୍ଷମାନିଧି ଝାଙ୍କର, ଅଶୋକ ଖଟୁଆ, ଅଲିଭା ଦୀପ, ଶଶାଙ୍କ ତ୍ରିପାଠୀ, ଜୟନ୍ତ ମେହେର, ସୁବାସ ଚନ୍ଦ୍ର ପଣ୍ଡା, ବିକାଶ ରଞ୍ଜନ ସାହୁ, ଗନ୍ଧର୍ବ ପାତ୍ର, ଦିଲୀପ ଯୋଶୀ, ଅଭୟ ମିଶ୍ର ଓ ଗୋପ ଭୂଷଣ ନାଥ ପ୍ରମୁଖଙ୍କୁ ମାନପତ୍ର ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ । ଏହି ସଭାରେ ସଭାପତି ବିଶ୍ୱଜିତ ଦାସ ଅତିଥିମାନଙ୍କୁ ସ୍ୱାଗତକରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉଡାନର ପୂର୍ବତନ ଛାତ୍ରୀ ବିଜନେଷି ବାରିକ ସଭା ପ୍ରାରମ୍ଭରେ ଗୁରୁବନ୍ଦନା କରିଥିଲେ । ଏହି ସଭାକୁ ରୋଟାରୀ ଏଲିଟର ବରିଷ୍ଠ ସଭ୍ୟ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ପରିଚାଳନା କରିଥିଲେ । ଶେଷରେ ଏଲିଟର ସମ୍ପାଦିକା ଦୀପିକା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

ମୁଁ ବି ହେବି ମିତା ଅଭିଯାନରେ କଲେଜ ଛାତ୍ରୀ ସାମିଲ

ରାୟଗଡା,(ସବ୍ୟୁ): ଭାରତୀୟ ନିର୍ବାଚନ କମନିଶନଙ୍କ ନିର୍ଦ୍ଦେଶକ୍ରମେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧିତ କାର୍ଯ୍ୟକ୍ରମ ଅନ୍ତର୍ଗତ ମୁଁ ବି ମିତା ଅଭିଯାନ ରାୟଗଡା ଜିଲ୍ଲାରେ ଆରମ୍ଭ ହୋଇଛି । ରାୟଗଡ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରାମେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଭିନ୍ନ କଲେଜର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ,ସମ୍ଭାବିତ ଭୋଟର ଓ ସ୍ଥାନାନ୍ତରିତ ଭୋଟର ମାନଙ୍କ ସହାୟତା ନିମନ୍ତେ ଉଦ୍ଦିଷ୍ଟ ଏହି ଅଭିଯାନର ସଫଳ ରୂପାୟନ ପାଇଁ ବୁଥସ୍ତରୀୟ ଅଧିକାରୀ ଗାଁ କୁ ଗାଁ ଓ ଘରକୁ ଘର ବୁଲି ସଚେତନତା ସୃଷ୍ଟି କରୁଛନ୍ତି। ଏହି ବୁଥସ୍ତରୀୟ ଅଧିକାରୀ ମାନଙ୍କୁ ସହାୟତା କରିବା ପାଇଁ ବିଭିନ୍ନ କଲେଜର ଛାତ୍ରଛାତ୍ରୀ ଅଭିଯାନରେ ସାମିଲ ପୂର୍ବକ ସଚେତନତା ସୃଷ୍ଟି କରିବେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ନିଜ କଲେଜରେ କିମ୍ବା ସ୍ଥାନୀୟ ଅଞ୍ଚଳରେ କିପରି ସଚେତନତା ସୃଷ୍ଟି କରିବେ ସେନେଇ ବୁଝାଇଥିଲେ । ଯେପରି ଅଧିକରୁ ଅଧିକ ସଂଖ୍ୟକ ନୂଆ ଭୋଟର ନାମ ପଞ୍ଜିକୃତ କରି ପାରିବ ସେ ନେଇ ଗୁରୁତ୍ୱ ଦିଆଯାଇଥିଲା । ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ ମିତା ଭାବରେ ଆଜି ଦାୟିତ୍ୱ ନେଇଥିବା ଛାତ୍ରୀମାନଙ୍କୁ କହିଥିଲେ ଯେ ପବିତ୍ର କାମରେ ଆପଣ ମାନଙ୍କୁ ନିୟୋଜିତ କରାଯାଉଛି । ଆଜିଠାରୁ ଆପଣ ମାନେ କୌଣସି ରାଜନୈତିକ ଦଳ ସହିତ ସାମିଲ ହେବେ ନାହିଁ ଯଦି ସାମିଲ ହେବାକୁ ଚାହୁଁଛନ୍ତି ତାହାହେଲେ ମିତା ଛାଡିବାକୁ ପଡିବ। ଏଥିରେ ଉପ-ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଭିମସେନ ଶବର ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିବା ସହିତ ମୁଁ ବି ହେବି ମିତା ଅଭିଯାନ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମର ସଂସାଧନ ସଭ୍ୟ ନୀଳାଞ୍ଚଳ ମିଶ୍ର ମୋବାଇଲରେ ଥିବା ଭୋଟର ହେଲ୍ପ ଲାଇନ ଆପ୍ ମାଧ୍ୟମରେ କିପରି ନାମ ପଞ୍ଜିକରଣ କରାଯିବା ସହ ସଂଶୋଧନ ଓ ସ୍ଥାନାନ୍ତରିତ କରାଯିବ ସେ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ନାରାୟଣ ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ଉପଜିଲ୍ଲାପାଳଙ୍କ କାଯ୍ୟାଳୟ ପ୍ରଫୁଲ୍ଲ କୁମାର ବେହେରା ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ ମୋଟ ୧୬ଗୋଟି କଲେଜରୁ ଏକ ଶହ ଜଣ ମିତାଙ୍କୁ ରାଜ୍ୟ ନିର୍ବାଚନ ଆୟୋଗର ନିର୍ଦ୍ଦେଶ କ୍ରମେ ଚିହ୍ନଟ କରାଯାଇଥିବା ବେଳେ ଅବଶିଷ୍ଟ ଛାତ୍ରୀଙ୍କୁ ଗୁଣୁପୁର ଠାରେ ଆନୁଷ୍ଠାନିକ ଭାବେ ଏହି ଦାଇତ୍ୱ ପ୍ରଦାନ କରାଯାଇଥିବା ଡେପୁଟି କଲେକ୍ଟର ଶ୍ରୀ ମିଶ୍ର କହିଛନ୍ତି । ଜିଲ୍ଲାରେ ସମସ୍ତ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରିବା ସହ ଏକ ନିର୍ଭୁଲ ଓ ତ୍ରୁଟିଶୁନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ବ୍ୟାପକ ଜଣ ସଚେତନତା ଜରୁରୀ ବୋଲି ଜିଲ୍ଲାପାଳ ସ୍ୱାଧାଦେବ ସିଂ କହିଛନ୍ତି ।

ଆମ୍ବଗାଁ ହାଇସ୍କୁଲରେ ପ୍ରେରଣାଦାୟୀ କାର୍ଯ୍ୟକ୍ରମ

କନ୍ଧମାଳ,(ସବ୍ୟୁ): କନ୍ଧମାଳ ବ୍ଲକ ଆମ୍ବଗାଁ ଜନତା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶୁକଦେବ ପଣ୍ଡାଙ୍କ ସଭାପତିତ୍ୱରେ ପ୍ରେରଣାଦାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ପ୍ରତିମା ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ମାନଙ୍କ ଆନ୍ତରିକ ସହଭାଗୀତା ରହିଲେ ସ୍କୁଲ ବିକଶିତ ହୋଇପାରିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ଦେବେନ୍ଦ୍ର ରଣା, ମୁଖ୍ୟବକ୍ତା ଭାବେ ପୂର୍ବତନ ଛାତ୍ର କରୁଣାକର ସାହୁ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡା ମୋ ସ୍କୁଲ ଅଭିଯାନର ପୂର୍ବ ଅନୁଦାନର ବିବରଣୀ ପଠନ କରିବା ସହିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନଙ୍କ ଦ୍ୱାରା ମୋ ସ୍କୁଲ ଅଭିଯାନ ପାଇଁ ମୋଟ ୪୧ହଜାର ୫ଶହ ଟଙ୍କା ସଂଗୃହିତ ହୋଇଥିଲା । ଶିକ୍ଷକ ଦେବାଶିଷ ଥନାପତି ମଞ୍ଚ ସଂଯୋଜନା କରିଥିଲେ । ଶିକ୍ଷକ ଲକ୍ଷ୍ମଣ ଭୋଇ ଧନ୍ୟବାଦ ଦେଇଥିଲେ । ସଭା ଶେଷରେ ଉପସ୍ଥିତ ଅତିଥି ବୃନ୍ଦ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୁରାତନ ଛାତ୍ର ଲକ୍ଷ୍ମୀକାନ୍ତ କହଁର ଓ ଖେଳ ଶିକ୍ଷକ ମହେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଶିଶୁଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଆଇନ ଉପରେ ପ୍ରଶିକ୍ଷଣ

Training of
H.M, Asst. Superintendent, Matron, CCA Staff of Welfare Institution under (SSD and SC&ME) Department
on
Protection of Children from Sexual Offences Act, 2012

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ, ବଡବନ୍ଧ, ବୌଦ୍ଧ ଠାରେ ପ୍ରଧାନ ଶିକ୍ଷକ, ଅଧିକ୍ଷକ, ସେବିକା, ମ୍ୟାଟ୍ରନ, ସିସିଏ ମାନଙ୍କୁ ନେଇ ଶିଶୁ ମାନଙ୍କୁ ଯୌନ ନିର୍ଯ୍ୟାତନାରୁ ସୁରକ୍ଷା ଆଇନ ତଥା ଶିଶୁ ଅଧିକାର ଓ ବେଟି ବଚାଓ ବେଟି ପଢାଓ ଯୋଜନା ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କର୍ମଶାଳାକୁ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଳ ପ୍ରଧାନ ଯୋଗଦେଇ ଉଦଘାଟନ କରିବା ସହ ଶିଶୁ ସୁରକ୍ଷା କର୍ତ୍ତବ୍ୟରତ କର୍ମଚାରୀ ମାନେ ସଚେତନ ହେଲେ ତଥା ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁ ରୁପେ ପାଳନ କଲେ ଅନୁଷ୍ଠାନରେ ଶିଶୁମାନେ ସୁରକ୍ଷା ତଥା ଉତ୍ତମ ସୁବିଧା ଯୋଗାଇ ହେବ ବୋଲି ମତ ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ତଥା ପ୍ରଶିକ୍ଷକ ଭାବରେ ଘାସିରାମ ପଣ୍ଡା, ରାଜ୍ୟ ସଂଯୋଜକ, ଏକ୍ସନ.ଏଡ ଯୋଗଦେଇ କିଶୋର ନ୍ୟାୟ ଅଧିନିୟମ, ଶିଶୁ ଅଧିକାର, ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା ଆଇନର ସମାଜିକ ଦିଗ ସମ୍ପର୍କରେ ଅଲୋଚନା କରିଥିଲେ । କର୍ମ କ୍ଷେତ୍ରରେ ମହିଳା ମାନଙ୍କ ସୁରକ୍ଷା ପାଇଁ କମିଟି ଗଠନ କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ କହିଥିଲେ । ଅନୁଷ୍ଠାନରେ ଛାତ୍ର ଛାତ୍ରୀଙ୍କ ସମସ୍ୟାକୁ ଗୁରୁତର ଭାବରେ ନେଇ ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା ଯୋଗଦେଇ ଅନୁସୂଚିତ ଜାତି ଓ ଜନଜାତି ଆବାସିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ, ଅଧିକ୍ଷକ, ମେଟ୍ରନ, ସିସିଏ ମାନଙ୍କୁ ବିଦ୍ୟାଳୟର ନିୟମାବଳୀ ତଥା ଛାତ୍ରଛାତ୍ରୀଙ୍କ ନିରାପତ୍ତା ତଥା ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହିତ ଅସୁବିଧା ଜଣାଇବା ପାଇଁ ପରାମର୍ଶ ଦେଇଥିଲେ । ଅତିଥି ଭାବରେ ବଡବନ୍ଧ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ସାହୁ ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ଖୁସି ବ୍ୟକ୍ତ କରିବା ସହ ସମସ୍ତେ ଛାତ୍ର ଛାତ୍ରୀଙ୍କ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌମ୍ୟରଞ୍ଜନ ଦେ, ଜିଲ୍ଲା ସଂଯୋଜିକା, ଏକ୍ସନ.ଏଡ ପ୍ରବିଜ୍ଞା ଦାଶ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ସୁସାନ୍ତ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଏହି ପ୍ରଶିକ୍ଷଣ କାଯ୍ୟକ୍ରମରେ ହରଭଙ୍ଗା ଓ ବୌଦ୍ଧ ବ୍ଲକର ୧୫ଟି ଅନସୂଚିତ ଜାତି ଓ ଜନଜାତି ଆବାସିକ ବିଦ୍ୟାଳୟ ଓ ଶିଶୁଯତ୍ନ ଅନୁଷ୍ଠାନରର ୭୦ ଜଣ କର୍ମଚାରୀ ପ୍ରଶିକ୍ଷଣ ନେଇଥିଲେ । ପରାମର୍ଶଦାତା ବସନ୍ତ ଦିଶିରି ଧନ୍ୟବାଦ ଅର୍ପଣ କରି ଥିବା ବେଳେ ଶିଶୁ ସୁରକ୍ଷା ୟୁନିଟରୁ ଚିତ୍ରସେନ ସାହୁ,ରଂଜିତ ସାହୁ ଓ ବଡବନ୍ଧ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

ବୌଦ୍ଧ ଗଡ ଏନଏସି ଲିଗ୍ ଫୁଟବଲ

ଗେହ୍ଲାମାଁ ଦଳ ଚାମ୍ପିଅନ

ବୌଦ୍ଧ,(ସବ୍ୟୁ): ବୌଦ୍ଧଗଡ ଏନଏସି ପକ୍ଷରୁ କଚେରୀ ପଡିଆ ଠାରେ ଚାଲିଥିବା ଏନଏସି ଲିଗ ଫୁଟବଲ ଟୁର୍ଣ୍ଣାମେଣ୍ଟବୁଧବାର ଦିନ ଉଦଯାପିତ ହୋଇଛି । ଉଦଯାପନୀ ମ୍ୟାଚ ଗେହ୍ଲାମାଁ ଦଳ ନୁଆସାହି ଓ ଗୋଲଡେନ କ୍ଲବ ବାପୁଜୀନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚଟି ଅତିଚିତାକର୍ଷକ ହୋଇଥିବା ବେଳେ ଖେଳର ପ୍ରଥମାର୍ଦ୍ଧରେ ଗେହ୍ଲାମାଁ ଦଳ ଗୋଟିଏ ଗୋଲ ଦେଇଥିବା ବେଳେ ଦିତୀୟାର୍ଦ୍ଧରେ ଆଉଗୋଟିଏ ଗୋଲ ଦେଇ ଆଗରେ ରହିଥିଲା । ଖେଳ ସରିବାକୁ ଆଉ କିଛି ସମୟ ଥିବା ବେଳେ ଗୋଲଡଡେନ କ୍ଲବ ବାପୁଜୀନଗର ଗୋଟିଏ ଗୋଲ ଦେବାରେ ସକ୍ଷମ ହୋଇଥିଲା । ଫଳରେ ଗେହ୍ଲାମାଁ ଦଳ ୨-୧ ଗୋଲରେ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟ ଚମ୍ପିୟାନ ହୋଇଥିଲା । ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟଜଳ ,ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଏନଏସି ଅଧକ୍ଷ୍ୟ ମୃତ୍ୟୁଂଜୟ ମିଶ୍ର, ଉପାଧ୍ୟକ୍ଷ ସୁବାସିନୀ ସେଠୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମନରଂଜନ ପଣ୍ଡା, ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥି ମାନଙ୍କ ଦ୍ୱାରା ବିଜୟତା ଓ ଉପବିଜୟତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ମ୍ୟାଚକୁ ଜାତୀୟ ରେଫରୀ ସୁବ୍ରତ ପୁରୋହିତ,ଚନ୍ଦନ ମହାରଣା, ଟିଙ୍କୁ ନାଏକ ପରିଚାଳନା କରିଥିବା ଚତୁର୍ଥ ରେଫରୀ ଭାବେ ପ୍ରମୋଦ ବେହେରା କାର୍ଯ୍ୟ ତୁଲାଇଥିଲେ । । ଟୁର୍ଣ୍ଣାମେଣ୍ଟକୁ ରଂଜିତ କୁମାର ରାଉତ, ବଦ୍ରି ନାରାୟଣ ମିଶ୍ର,ପ୍ରଫୁଲ୍ଲ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ । ଖେଳରେ ଧାରାବିବରଣୀ ଚନ୍ଦ୍ରକାଂ ନାଏକ ପ୍ରଦାନ କରିଥିଲେ ।

ଗାଁ କାନ୍ଥରେ ଶୋଭା ପାଉଛି ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ଚିତ୍ର

ବରଗଡ଼ , (ସବ୍ୟୁ) : ବରଗଡ ଜିଲ୍ଲା ଆମ୍ବଭୋନା ବ୍ଲକ ନିକଟ ହୀରାକୁଦ ଜଳଭଣ୍ଡାର ତଟରେ ରହିଛି ଗୋବିନ୍ଦପୁର। ଅମ୍ବାଭୋନା ବ୍ଲକ ଲଖନପୁର ବନ୍ୟପ୍ରାଣୀ ରେଞ୍ଜରେ ଥିବା ଏହି ଗ୍ରାମ ଏବେ ପକ୍ଷୀ ଗ୍ରାମ ଭାବରେ ବେଶ ପରିଚିତ । ବର୍ଷସାରା ଗୋବିନ୍ଦପୁର ନିକଟ ମହାନଦୀରେ ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କ ସମାଗମ ଦେଖିବାକୁ ମିଳେ । ବିଶେଷ କରି ଶୀତ ଋତୁରେ ବହୁ ପ୍ରକାର ବିଦେଶାଗତ ପକ୍ଷୀଙ୍କ ଆସର ଲାଗିଥାଏ ।ଏପରି ବିରଳ ଗାଁ ଗୋବିନ୍ଦପୁରକୁ ବହୁ ସମୟରେ ପର୍ଯ୍ୟଟକଙ୍କ ମଧ୍ୟ ଆଗମନ ହେଉଥିବା ବେଳେ ଏବେ ସରକାରୀସ୍ତରରେ ଏଠାରେ ଏକ ୱାଚ ଟାୱାର ମଧ୍ୟ ନିର୍ମାଣ କରାଯାଇଛି ।ବନ୍ୟପ୍ରାଣୀ ବିଭାଗ ତରଫରୁ ନିର୍ମାଣ ହୋଇଥିବା ଏହି ୱାଚ ଟାୱାରରେ ପର୍ଯ୍ୟଟକମାନେ ପକ୍ଷୀମାନଙ୍କୁ ଅବଲୋକ କରିଥାନ୍ତି । ‘ପକ୍ଷୀ ଗାଁ’ ଭାବେ ପରିଚିତ ଗୋବିନ୍ଦପୁର ଏକଦା ଶୀକାରୀଙ୍କ ଚରାଭୁଇଁ ଥିବା ବେଳେ ଏବେ ଏହି ଗାଁର ଅଧିବାସୀ ପକ୍ଷୀର ସୁରକ୍ଷା ଦାୟିତ୍ୱ ନେଇଛନ୍ତି । ଏଥିପାଇଁ ଗ୍ରାମବାସୀ ବିଗତ ବର୍ଷ ପକ୍ଷୀ ସୁରକ୍ଷା ପାଇଁ ଶପଥ ମଧ ନେବା ସହ ଅତିଥି ପକ୍ଷୀଙ୍କ ସୁରକ୍ଷା ଦାୟିତ୍ୱ ନେଇଛନ୍ତି । ହୀରାକୁଦ ଜଳଭଣ୍ଡାରକୁ ପ୍ରତିବର୍ଷ ଅକ୍ଟୋବର ମାସରୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ । ଲକ୍ଷାଧିକ ପକ୍ଷୀ ଜଳଭଣ୍ଡାର ଏବଂ ଏହା ସଂଲଗ୍ନ ଜଂଗଲରେ ପ୍ରାୟ ୬ମାସ ଧରି ବସବାସ କରିଥାନ୍ତି । ଗୋବିନ୍ଦପୁର ଗାଁରେ ମଧ ପାଖାପାଖି ଶହେ ପ୍ରଜାତିର ପକ୍ଷୀ ଦେଖା ଯାଇଥାନ୍ତି । ତେବେ ଏସବୁ ପକ୍ଷୀଗୁଡ଼ିକର ସୁରକ୍ଷା ପାଇଁ ଗତବର୍ଷ ଲୋକଙ୍କୁ ସଚେତନ କରାଯାଇଥିଲା । ଗୋବିନ୍ଦପୁର ସେମେତ ପାଖରେ ଥିବା ତାମଦେଇ ଏବଂ ରାମଖୋଲ ଗାଁକୁ ଏହି ଯୋଜନାରେ ସାମିଲ କରାଯାଇଥିଲା ।ପକ୍ଷୀଙ୍କ ସୁରକ୍ଷା ପାଇଁ ଗ୍ରାମବାସୀଙ୍କୁ ଶପଥ ପାଠ କରାଗଲା । ଗୋବିନ୍ଦପୁର ଗ୍ରାମର ପ୍ରତି ଘର କାନ୍ଥରେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ଚିତ୍ର ଅଙ୍କନ କରାଯାଇଛି । ଗୋଲଡେନ ପ୍ଲୋଉର, ବତକ, କୁଜି ବକ, ଓସପ୍ରେ ଶିକାରୀ ବାଜ, ଗ୍ରୀନସେଣ୍ଟ ପାଇପର, କିଙ୍ଗପିସର, ରୁଡିବ୍ରେଷ୍ଟଡ କ୍ରେଜ, ଲିଟିଲ ଗ୍ରୀବ, ମାର୍ଶ ହେରିଅର ପରି ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ଫଟୋ କାନ୍ଥବାଡରେ ଶୋଭାପାଉଛି । କେହି ପର୍ଯ୍ୟଟକ ଗାଁକୁ ପ୍ରବେଶ କଲେ ସ୍ୱତଃ ସେମାନଙ୍କ ମନରେ ଭିନ୍ନ ଏକ ପରିବେଶ ସୃଷ୍ଟି କରିବା ସହ ପକ୍ଷୀ ସୁରକ୍ଷା ନେଇ ଗ୍ରାମବାସୀଙ୍କ ଚିନ୍ତାଧାରା ଆପେ ଆପେ ବାରି ହୋଇପଡିବ । ସେହିପରି ଗୋବିନ୍ଦପୁର ଗାଁରେ ପରିମଳ ବ୍ୟବସ୍ଥା ମଧ ବେଶ ଉନ୍ନତ ଥିବା ସହ ଗ୍ରାମର ବିଭିନ୍ନ ସ୍ଥାନରେ ଡଷ୍ଟବିନ ରଖାଯାଇଛି । ବରଗଡ଼ , ସମ୍ବଲପୁର, ବଲାଙ୍ଗୀର ସମେତ ସମଗ୍ର ପଶ୍ଚିମ ଓଡିଶା ଏପରିକି ଛତିଶଗଡର ପର୍ଯ୍ୟଟକଙ୍କ ପ୍ରାୟତଃ ଏଠାରେ ଭିଡ ଲାଗି ରହୁଥିବା ବେଳେ ପ୍ରାକୃତିକ ପରିବେଶର ଉପଭୋଗ କରି ବେଶ ଆତ୍ମତୃପ୍ତି ଲାଭ କରୁଛନ୍ତି ।

ରୁଗୁଡିପଡା ଦୁର୍ଗାପୂଜା ପାଇଁ ମୃତ୍ତିକା ଅନୁକୂଳ



ବଲାଙ୍ଗୀର,(ସବ୍ୟୁ): ରୁଗୁଡିପଡା ଶାରଦୀୟ ଦୁର୍ଗାପୂଜା ପାଇଁ ମୃତ୍ତିକା ଅନୁକୂଳ କରାଯାଇଛି । ମୂର୍ତ୍ତି ନିର୍ମାଣ ପାଇଁ ରୀତିନୀତି ଅନୁସାରେ ଗୁରୁବାର ମୃତ୍ତିକା ସଂଗ୍ରହ କରାଯାଇଛି । ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ଏହି ପବିତ୍ର ମାଟିକୁ ପୂଜାର୍ଚ୍ଚନା କରାଯାଇ ପ୍ରତିମା ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଚଳିତ ବର୍ଷ କର୍ତ୍ତା ଭାବରେ ସଂଜୟ ପୂଜାରୀ ଓ ପତ୍ନୀ ଜ୍ୟୋସ୍ନା ପୂଜାରୀ ଦାୟିତ୍ୱ ତୁଲାଇଛନ୍ତି । ଏହି ଉପଲକ୍ଷେ ଗୁରୁବାର ପୂଜା କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ବିଲ୍ୱବୃକ୍ଷଠାରେ ପୂଜାର୍ଚ୍ଚନା କରିଥିଲେ । ମୃତ୍ତିକା ସଂଗ୍ରହ ପରଠୁ ପ୍ରତିମା ନିର୍ମାଣ କାମ ଆରମ୍ଭ ହେବ । ପୂଜା କାର୍ଯ୍ୟରେ ପୂଜକ ଭାବେ ନିରଂଜନ ମହାପାତ୍ର, ସନ୍ତୋଷ ପଣ୍ଡା, ନାରାୟଣ ପଣ୍ଡା,ବିଶେଶ୍ୱର ପୂଜାରୀ, ହିମାଂଶୁ ପାଢୀ, ମହେନ୍ଦ୍ର ପାଣ୍ଡିଆ, ଭାଗିରଥି ମହାକୁର, ଲକ୍ଷ୍ମୀ ମହାରଣା, ଡମ୍ବରୁ ପଶାୟତ, ସ୍ୱସ୍ତିକ ସାହୁ, ଶିଶିର ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ସଭାପତି ଚେତନାନନ୍ଦ ପଣ୍ଡା, ପ୍ରଦୀପ ପଟ୍ଟନାୟକ, କୋଷାଧ୍ୟକ୍ଷ ଦେବାଶିଷ ମହାକୁର, ଶ୍ରୀକାନ୍ତ ରାଉତ, ପଞ୍ଚଜନ୍ୟ ପଣ୍ଡା, ଅଭିଷେକ ଚନ୍ଦନ, ଆନନ୍ଦ ସାହୁ, ଠଗୋ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।